# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 07 August - 2024
### News Editor : Tapan Kumar Moharana
*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାରେ ଖାଲି ପଡିଥିବା ୧୨ଟି ଆସନ ପାଇଁ ଆସନ୍ତା ସେପ୍ଟେମ୍ବର ମାସ ୩ ତାରିଖ ହେବ ଉପନିର୍ବାଚନ
- ରାଜ୍ୟ ସରକାର ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ପାଇଁ ବୃଦ୍ଧି କଲେ ସମୟସୀମା

— ୧ ହଜାର ୮୪ କୋଟି ଟଙ୍କା କରାଯାଇଛି ବ୍ୟୟବରାଦ

- ସ୍ୱଦେଶୀ ଆନ୍ଦୋଳନର ସ୍ମୃତିରେ ଦେଶରେ ଆଜି ପାଳନ କରାଯାଉଛି ଜାତୀୟ ହସ୍ତତନ୍ତ ଦିବସ
- ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆଜି ହେଉଛି ବନକଲାଗି; ଅପରାହ୍ନ ୫ଟାରୁ ୪ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ବର୍ଷା

## ଉପନିର୍ବାଚନ

ରାଜ୍ୟସଭାରେ ଖାଲି ପଡିଥିବା ୧୨ଟି ଆସନ ପାଇଁ ଉପନିର୍ବାଚନ ଆସନ୍ତା ସେପ୍ଟେମ୍ବର ମାସ ୩ ତାରିଖରେ ଅନୁଷ୍ଠିତ ହେବ। ଓଡ଼ିଶାର ମମତା ମହନ୍ତ ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଏହି ଆସନ ପାଇଁ ମଧ୍ୟ ଉପନିର୍ବାଚନ ହେବ।

## ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର

ରାଜ୍ୟ ସରକାର ଅଚଳ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ସହ ପୁରୁଣା ସଚଳ ପ୍ରକଳ୍ପର ସୁଦୃଢ଼ୀକରଣ ଯୋଜନା'କୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ୨୦୨୪-୨୫ ରୁ ୨୦୨୮-୨୯ ଆର୍ଥିକବର୍ଷ ପର୍ଯ୍ୟନ୍ତ ଏହି ଯୋଜନାକୁ ବୃଦ୍ଧି କରାଯାଇଛି। ଏଥିପାଇଁ ସରକାର ୧ ହଜାର ୮୪ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି। ଜଳସମ୍ପଦ ବିଭାଗର ସୂଚନା ଅନୁସାରେ, ଅଚଳ ତଥା ଅବ୍ୟବହୃତ ହୋଇ ପଡ଼ିଥିବା ୨ ହଜାର ୬୫ଟି ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ୫୯ ହଜାର ୨୯୨ ହେକ୍ଟର ଚାଷଜମିକୁ ପୁନଃଜଳସେଚନ କରାଯିବ। ସେହିପରି ବହୁଦିନରୁ ବ୍ୟବହୃତ ହୋଇଆସୁଥିବା ୧୦ ହଜାର ୧୫୨ଟି ଉଠାଜଳସେଚନ ପ୍ରକଳ୍ପର ସୁଦୃଢ଼ୀକରଣ ମଧ୍ୟ କରାଯିବ। ଏହାଦ୍ୱାରା ୨ ଲକ୍ଷ ୨୬ ହଜାର ୮୮୬ ହେକ୍ଟର ଜମିକୁ ନିରବଚ୍ଛିନ୍ନ ଭାବରେ ଜଳଯୋଗାଣ ସହିତ ଅଚଳ ପ୍ରକଳ୍ପର ସଂଖ୍ୟା ହ୍ରାସ ପାଇବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଚଳିତ

ଆର୍ଥିକବର୍ଷରେ ଅଚଳ ଥିବା ୧ ହଜାର ଉଠାଜଳସେଚନ ପ୍ରକଳ୍ପକୁ ସଚଳ କରାଯିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ହସ୍ତତନ୍ତ ଦିବସ

ସ୍ୱଦେଶୀ ଆନ୍ଦୋଳନର ସ୍ମୃତିରେ ଆଜି ଦେଶରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି। ହସ୍ତତନ୍ତକୁ ପ୍ରୋତ୍ସାହନ ଦେବା ଓ ସ୍ୱଦେଶୀ ବସ୍ତ୍ରକୁ ଲୋକପ୍ରିୟ କରିବାପାଇଁ କେନ୍ଦ୍ର ସରକାର ୨୦୧୫ ମସିହାରୁ ଜାତୀୟ ହସ୍ତତନ୍ତ ଦିବସ ପାଳନ କରୁଛନ୍ତି। ଆଜିର ଦିନରେ ସମସ୍ତ ସରକାରୀ କର୍ମଚାରୀଙ୍କୁ ଓଡ଼ିଶା ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟ ଆସିବାକୁ କୁହାଯାଇଛି। ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ଅମ୍ଳାନ'ରେ ହାତବୁଣା ପୋଷାକ ଉପରେ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା ଆଜିଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମିଳିପାରିବ।

ଦଶମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଆଜି **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଦେଶରେ ହସ୍ତତନ୍ତର ଏକ ମହାନ୍ ପରମ୍ପରା ଓ ଐତିହ୍ୟ ରହିଛି ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ 'ଭୋକାଲ୍ ଫର ଲୋକାଲ୍' ବିଷୟକୁ ଦୋହରାଇବା ସହ ବୁଣାକାରମାନଙ୍କର ପ୍ରଚେଷ୍ଟାକୁ ଉଚ୍ଚପ୍ରଶଂସା କରିଛନ୍ତି।

ଏହି ଅବସରରେ ଦେଶ ଓ ରାଜ୍ୟର ସମସ୍ତ ବୁଣାକାରଙ୍କୁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାର ହସ୍ତତନ୍ତ ଐତିହ୍ୟ, କଳା, ପରମ୍ପରା ଓ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସେ କହିଛନ୍ତି। ବୁଣାକାରମାନଙ୍କ ସାମାଜିକ ତଥା ଅର୍ଥନୈତିକ ଉନ୍ନତି ନିମନ୍ତେ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସାଙ୍କେତିକ ଭାଷା ଅନୁବାଦକ

ଓଡିଶାରେ ସାଙ୍କେତିକ ଭାଷାର ପ୍ରସାରକୁ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ  ପକ୍ଷରୁ ପଦକ୍ଷେପ ନିଆଯାଇଛି। ୧୦୦ ଜଣ ଦକ୍ଷ ସାଙ୍କେତିକ ଭାଷା ଅନୁବାଦକଙ୍କୁ ନେଇ ଏକ କ୍ୟାଡର୍ ସୃଷ୍ଟି କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ବିଭାଗୀୟ ସୂଚନା ଅନୁସାରେ, ରାଜ୍ୟର ୫୫ଟି ଶ୍ରବଣବାଧିତ ସ୍ୱତନ୍ତ୍ର ବିଦ୍ୟାଳୟରେ ୪ ହଜାର ଛାତ୍ରଛାତ୍ରୀ, ୮୦୦ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟରେ ସାଙ୍କେତିକ ଭାଷା ଅନୁବାଦକଙ୍କ ଆବଶ୍ୟକତା ରହିଛି। ଏମାନଙ୍କ ଅଭାବ ଥିବାରୁ ଶ୍ରବଣବାଧିତ ଛାତ୍ରଛାତ୍ରୀମାନେ ଅତ୍ୟାବଶ୍ୟକ ସେବା ଓ ଶିକ୍ଷାଗତ ସୁବିଧା ପାଇପାରୁ

ନାହାଁନ୍ତି। ଏହି ବ୍ୟବଧାନକୁ ଦୂର କରିବା ପାଇଁ ସରକାର ଏହି  ପଦକ୍ଷେପ ନେଇଛନ୍ତି।

## ଭୂସ୍ଖଳନ-ସ୍ୱାଧୀନ ପଣ୍ଡା

କେରଳ ଭୂସ୍ଖଳନ ଘଟଣାରେ ପୀଡିତ ଡାକ୍ତର ସ୍ୱାଧୀନ ପଣ୍ଡା ଅଦ୍ୟାବିଧି ନିଖୋଜ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ସନ୍ଧାନ ମିଳିନଥିବାରୁ ରାଜ୍ୟ ସରକାର ତଥା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ତରଫରୁ ତାଙ୍କୁ ଖୋଜିବାର ନିରନ୍ତର ପ୍ରୟାସ ଜାରି ରହିଛି । ଅନ୍ୟପକ୍ଷରେ ଡାକ୍ତର ପଣ୍ଡାଙ୍କ ଭଉଣୀ ଗତକାଲି ଡିଏନ୍ଏ ପରୀକ୍ଷା ପାଇଁ ରକ୍ତ ନମୁନା ପ୍ରଦାନ କରିଥିବା ଜଣାପଡ଼ିଛି। ତାଙ୍କର ସନ୍ଧାନ ପାଇଁ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଅଧିକାରୀ ପ୍ରିତୀଶ ପଣ୍ଡା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କେରଳ ଗସ୍ତ କରିଛନ୍ତି।

## ବନକଲାଗି ନୀତି

ଶ୍ରାବଣ ଶୁକ୍ଳପକ୍ଷ ତୃତୀୟ ତିଥିରେ ଆଜି **ପୁରୀ** ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ବନକଲାଗି ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ବନକଲାଗି ପରେ ଶ୍ରୀଜୀଉଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହେବ। ଏହାପରେ ସର୍ବସାଧାରଣ ଦର୍ଶନ ହେବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ବନକଲାଗି ହେଉଛି ଶ୍ରୀଜିଉମାନଙ୍କର ଶ୍ରୀମୁଖ ସିଂହାର। ଏହାଦ୍ୱାରା ଶ୍ରୀଜିଉମାନଙ୍କର ଅପୂର୍ବ ଶୋଭାବର୍ଦ୍ଧନ ହୋଇଥାଏ।

## ମାଟ୍ରିକ୍ ସପ୍ଲିମେଣ୍ଟାରୀ ଖାତା ଦେଖା

ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ଆଜିଠାରୁ ଆରମ୍ଭ ହୋଇଛି । ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମ୍ ଥିବାରୁ ପରୀକ୍ଷା ଖାତା ମୂଲ୍ୟାୟନ ୩ ଦିନ ଧରି ଚାଲିବ । ସେହିଭଳି ମୁକ୍ତ ବିଦ୍ୟାଳୟ ଖାତା ଦେଖା ୮ ଦିନ ଧରି ଚାଲିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସୂତ୍ରରୁ ଜଣାପଡ଼ିଛି ।

## ଏକ ଭାରତ ଶ୍ରେଷ୍ଠ ଭାରତ

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ **ସୁବର୍ଣ୍ଣପୁର** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟଠାରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାରାଷ୍ଟ୍ରର ପ୍ରସିଦ୍ଧ ଲାବଣୀ ଲୋକନୃତ୍ୟ ଏବଂ ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ଓଡିଶୀର ସାଂସ୍କୃତିକ ବିନିମୟ ହୋଇଥିଲା। ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଲାବଣୀ ନୃତ୍ୟ ପ୍ରଦର୍ଶିତ ହୋଇଥିବାବେଳେ ମହାରାଷ୍ଟ୍ରର ଭଣ୍ଡାରା କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ଦିଗନ୍ତ

ମହାପାତ୍ର ବିବିଧତା ମଧ୍ୟରେ ଏକତା ହେଉଛି ଦେଶର ଶ୍ରେଷ୍ଠ ସଂହତି ଓ ଜାତୀୟତା ବୋଲି କହିଛନ୍ତି।

## ହାକାଥନ କାର୍ଯ୍ୟକ୍ରମ

**ନୟାଗଡ଼** ଜିଲ୍ଲା ନୂଆଗାଁ ବ୍ଲକ୍ ମହୀପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ୨ୟ ଜିଲ୍ଲାସ୍ତରୀୟ ହାକାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଷ୍ଟଲ ନେଇ ଉପସ୍ଥିତ ହୋଇଥିଲେ। ସମୁଦାୟ ୨୯ ପ୍ରତିଯୋଗୀଙ୍କ ମଧ୍ୟରୁ ୨୨ଟି ଷ୍ଟଲ୍‌ର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## କୌଶଳ ରଥ

ଛାତ୍ରଛାତ୍ରୀମାନଙ୍କର କୌଶଳ ଭିତ୍ତିକ ଶିକ୍ଷାରେ ଆଗ୍ରହ  ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ଆରମ୍ଭ କରାଯାଇଥିବା କୌଶଳ ରଥ ସମଗ୍ର ରାଜ୍ୟ ପରିକ୍ରମା କରିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କୌଶଳ ରଥ ଚଳିତ ମାସ ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ କେନ୍ଦୁଝର ପରିକ୍ରମା କରିବ। ଆସନ୍ତା ୧୬ ତାରିଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏହି କୌଶଳ ରଥର

ଆନୁଷ୍ଠାନିକ ଶୁଭାରମ୍ଭ ହେବା ପରେ ଧାର୍ଯ୍ୟ ସୂଚୀ ଅନୁଯାୟୀ ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରିବ।

## ଝାଡାବାନ୍ତି

**କଳାହାଣ୍ଡି** ଜିଲ୍ଲା ଜୟପାଟଣା ବ୍ଲକ୍ ଟିଙ୍ଗୋପଖାନ ଗ୍ରାମରେ ଝାଡାବାନ୍ତି ସଂକ୍ରମଣ ଯୋଗୁଁ ଆକ୍ରାନ୍ତଙ୍କ ସଂଖ୍ୟା ୨୯ରେ ପହଞ୍ଚିଛି। ଗାଁରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଚାଲିଥିବାବେଳେ ଡାକ୍ତରୀ ଦଳ ଘର ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଗୁରୁତର ଆକ୍ରାନ୍ତଙ୍କୁ ଜୟପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଆଜି କଳାହାଣ୍ଡି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ସଂଲଗ୍ନ ବାଂଲାଦେଶରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଏହାର ପ୍ରଭାବରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ମାଲକାନଗିରି, କୋରାପୁଟ, ସମ୍ବଲପୁରରେ ଆଜି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ବୌଦ୍ଧରେ ୧୪୫ ମିଲିମିଟର, ସୁବର୍ଣ୍ଣପୁର

ଉଲୁଣ୍ଡାରେ ୧୩୭, ବୀରମହାରାଜପୁରରେ ୧୧୧ ଏବଂ ବିନିକାରେ ୧୦୬ ମିଲିମିଟର ବର୍ଷା ହୋଇଯାଇଛି।

ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରରୁ ୮ଟି ଗେଟ୍ ଦେଇ ବନ୍ୟାଜଳ ମହାନଦୀ ଏବଂ କେନାଲ୍‌ଗୁଡ଼ିକୁ ଛଡ଼ାଯାଉଛି । ଅପରାହ୍ଣ ଗୋଟାଏ ସୁଦ୍ଧା ଜଳଭଣ୍ଡାରକୁ ୧ ଲକ୍ଷ ୮୨ ହଜାର ୫୩୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୨ ହଜାର ୯୫୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଆଜି ଅପରାହ୍ଣ ଗୋଟାଏ ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୯ ଦଶମିକ ୭/୭ ଫୁଟ ଥିଲା ।

## ଯୋଗାଯୋଗ ବିଚ୍ଛିନ୍ନ

ପ୍ରବଳ ବର୍ଷାଯୋଗୁଁ **ସୁବର୍ଣ୍ଣପୁର** ଜିଲ୍ଲା ବୀରମହାରାଜପୁର-ଅମରପାଲି ରାସ୍ତାର ଘୁଙ୍ଗି-ନାଳ ଉପରେ ୫ ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସେଠାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବୀରମହାରାଜପୁର ବ୍ଲକ୍ ସଦର ମହାକୁମାରୁ ଲୁଡୁରପଙ୍କ, ବହଳପଦର ଓ ଦୁର୍ଜନଟେଲା ଗ୍ରାମପଞ୍ଚାୟତ ସହ ସମ୍ବଲପୁର ଜିଲ୍ଲାର ଜୁଜୁମୁରା, ମୋଚିବାହାଲ ଓ ରେଢ଼ାଖୋଲ ଅଂଚଳକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

**********************************